## ସଂକ୍ଷେପରେ

### ଅଭିଯୋଗ ଶୁଣାଣି, ସମାଧାନ ଶିବିର

**ଲାଞ୍ଜିଗଡ଼,୧୬।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବାଟେଲିମା ଗ୍ରାମପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହେଇଯାଇଛି। ଯୁବ ପ୍ରଶାସକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମରେ ଲୋକେ ନିଜର ଅଭିଯୋଗ ଜଣାଇବାକୁ ପ୍ରତି ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ରୁଣ୍ଡ ହେଉଥିବା ଦେଖିବାକୁ ମିଳିଛି। ବାଟେଲଲୀମା ସରପଞ୍ଚ କରୁଣା ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବିଡିଓ ଜିତେନ୍ଦ୍ର ମିଶ୍ର ଓ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାଧବାନନ୍ଦ କରୁଆଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମ ରୋଜଗାର ସେବକ ମୀନକେତନ ଦଳେଇ ସହଯୋଗ କରିଥିଲେ। ପଞ୍ଚାୟତର ୨୪୦ଜଣ ଲୋକେ ନିଜର ଅଭିଯୋଗ ପ୍ରଶାସନ ନିକଟରେ ଦାଖଲ କରିବା ଦେଖିବାକୁ ମିଳିଥିଲା। ଆବାସ ଯୋଜନାରେ ଘର ଓ ଭତ୍ତା ବାବଦକୁ ଲୋକଙ୍କ ଅଧିକାଂଶ ଅଭିଯୋଗ ରହିଥିଲା।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଅମଲାପାଲି ଚାମ୍ପିୟନ

**ଖଡ଼ିଆଳ,୧୬।୧(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଚଲାନପଡାଠାରେ ଚାଲିଥିବା ସୁଲିପାଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଖଇରପଦର ଓ ଅମଲାପାଲି ଦଳ ମଧରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଅମଲାପାଲି ଚାମ୍ପିୟନ ହୋଇଛି। ପ୍ରଥମେ ଖଇରପଦର ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୪ ରନ କରିଥିଲା। ଅମଲାପାଲି ୩ ଉଇକେଟରେ ଆବଶ୍ୟକ ରନ୍ କରି ଚାମ୍ପିୟନ ହୋଇଛି। ଅମଲାପାଲି ଦଳକୁ ଚାମ୍ପିୟନ ଟ୍ରଫି ସହିତ ନଗଦ ରାଶି ଏବଂ ଖଇରପଦର ଦଳକୁ ରନର୍ସଅପ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚରେ ଅମ୍ପାୟର ଭାବେ ବସନ୍ତ କୁମାର ଶବର ଓ ସୁଶାନ୍ତ ଜଗତ ସମ୍ପାଦନ କରିଥିବା ବେଳେ କମେଣ୍ଟେଟର ଭାବେ ସଶ କୁମାର ରାଉତ ସମ୍ପାଦନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଧର୍ମବୀର ରାଉତ, ସୁଶୀଳ ବାରିକ, ସୁରେଶ ରାଉତ ଓ ମୁଖ୍ୟବକ୍ତା ଭାବେ ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ ଲଳିତ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଧର୍ମବୀର ରାଉତ ଧନ୍ୟବାଦ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ ଚଲାନପଡାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଶାନ୍ତି କମିଟି ବୈଠକରେ ଆଲୋଚନା ବିଫଳ

**ପାଣି ଆବଣ୍ଟନକୁ ନେଇ ଉପରମୁଣ୍ଡ, ତଳମୁଣ୍ଡ ଚାଷୀଙ୍କ ବିବାଦ**

■ ନିଜ ଜିଦ୍‌ରେ ଅଟଳ ଉଭୟ ପକ୍ଷ ଚାଷୀ


ଶାନ୍ତି କମିଟି ବୈଠକରେ ଆଲୋଚନା କରାଯାଉଛି।

**ନୂଆପଡ଼ା ଅଫିସ,୧୬।୧**

ନୂଆପଡା ସଦର ବ୍ଲକ ପଟୋରା ଅପରଜୋଙ୍କ ଜଳସେଚନ ପ୍ରକଳ୍ପରୁ ପାଣି ଆବଣ୍ଟନ ନେଇ ଉପରମୁଣ୍ଡ ଓ ତଳମୁଣ୍ଡ ଚାଷୀଙ୍କ ମଧ୍ୟରେ ବିବାଦ ଦିନକୁ ଦିନ ଉଗ୍ର ରୂପ ଧାରଣ କରୁଥିବାରୁ ପ୍ରଶାସନ ମୁଣ୍ଡବିନ୍ଧାର କାରଣ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକ ବିଫଳ ହୋଇଯାଇଛି। ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶାନ୍ତି କମିଟି ବୈଠକରେ ଜିଲାପାଳ ହେମାକାନ୍ତ ସାଏ, ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ, ସଦର ତହସିଲଦାର ଦେବେନ୍ଦ୍ର ରାଉତ, ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ୱିଲସନ କେରକେଟା, କଂଗ୍ରେସ ଜିଲା ସଭାପତି ଘାସିରାମ ମାଝି, ବରିଷ୍ଠ ଆଇନଜୀବୀ ବିଶ୍ୱମଣି ପାଣିଗ୍ରାହୀ, ଦେବଦତ ଦିକ୍ଷୀତ, ଉପଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ସଦର ଥାନାଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଜୋଙ୍କ ଥାନାଧିକାରୀ କୈଳାଶ ଚନ୍ଦ୍ର ସେଠୀ, ଧରମବନ୍ଧା ଥାନାଧିକାରୀ ଗୈନ୍ଦରାମ ସତନାମୀ, ସଦର ପଞ୍ଚାୟତ ସମିତି ଉପଉଧ୍ୟକ୍ଷ ଦିଲୀପ ନିର୍ମଲକର, ଧନୀରାମ ସାହୁ, ଉପରମୁଣ୍ଡ ଚାଷୀ ନେତା ଭରତଲାଲ ରାଉତ, କମଲେଶ ଦିକ୍ଷୀତ, ତଳମୁଣ୍ଡ ଚାଷୀ ନେତା ରାଜେଶ ନିଗମ, ପ୍ରମୋଦ ସାହୁ, ମନୋଜ ସାହୁ ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଉଭୟ ମୁଣ୍ଡର ଚାଷୀ ନିଜର ସମସ୍ୟା ବିଷୟରେ ଶାନ୍ତି କମିଟି ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି ସମସ୍ୟା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ମଧ୍ୟ ସମାଧାନ ହୋଇ ପାରି ନ ଥିଲା। ବୈଠକରେ ସମସ୍ତ ଅଧିକାରୀ ଉଭୟ ଦଳର ବିଷଦ ଆଲୋଚନା କରିଥିଲେ ମଧ୍ୟ ଉଭୟ ପକ୍ଷ ଉଚ୍ଚ ନ୍ୟାୟଳୟ ଆଦେଶକୁ ନେଇ ନିଜ ଜିଦରେ ଅଟଳ ରହିଥିଲେ। ସେହିପରି ମନ୍ତ୍ରୀ ଢୋଲକିଆ ଉପରମୁଣ୍ଡ ଚାଷୀ ନେତାଙ୍କୁ ୩ଟି ପ୍ରସ୍ତାବ ଦିଆଯିବା ସହ ମଙ୍ଗଳବାର ଉଚ୍ଚ ନ୍ୟାୟାଳୟର ଆଦଶେ ଆସିବା ପରେ ୧୮ ତାରିଖରେ ପୁନଃ ଶାନ୍ତି କମିଟି ବସିବା ପୂର୍ବରୁ ୧୭ ତାରିଖ ସନ୍ଧ୍ୟାରେ ଧାରଣାରତ ଚାଷୀଙ୍କ ସହ ଆଲୋଚନା କରିବା ପ୍ରସ୍ତାବ ଦେଇଥିଲେ। ହେଲେ ତଳମୁଣ୍ଡ ଚାଷୀ ଉଚ୍ଚ ନ୍ୟାୟାଳୟ ଆଦେଶକୁ ଅପେକ୍ଷା ନ କରି ୧୭ ତାରିଖରେ ଜାତୀୟ ରାଜପଥ ଅବରୋଧ କରିବା ପାଇଁ ଚେତାବନୀ ଦେଇଛନ୍ତି।

# ଖଡ଼ିଆଳ ମହୋତ୍ସବର ୨ୟ ସନ୍ଧ୍ୟା

**ଖଡ଼ିଆଳ,୧୬।୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ରାଜା ଅର୍ତ୍ତତ୍ରାଣ ହାଇସ୍କୁଲ ପଡିଆଠାରେ ଚାଲିଥିବା ଖଡ଼ିଆଳ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ୨ଦିନ ସନ୍ଧ୍ୟା କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ଓ ବିଦ୍ୟାଳୟର ଦଳଗତ ନୃତ୍ୟକୁ ଗଙ୍ଗାଧର ମହାଉତି ପରିଚାଳନା କରିଥିଲେ। ୨ୟ ସନ୍ଧ୍ୟାରେ ସଭାପତିତ୍ୱ କରିଥିଲେ ପୂର୍ବତନ ମହୋତ୍ସବ କମିଟି ସଭାପତି ନିମାଇଁ ତାଣ୍ଡି, ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଡଲି ମାଝି ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଖଡ଼ିଆଳ ପଞ୍ଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଡିଓ ନାରାୟଣ ସାହୁ, ତସିଲଦାର ସିନ୍ଧୁସୂତା ପାତ୍ର, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା, ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ଼ ନୃପରାଜ ସାହୁ ଯୋଗଦେଇଥିଲେ। ପାଲା ଗାୟକ ଅର୍ଜୁନ ଛତ୍ରିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖଡ଼ିଆଳ ସ୍ୱର ଝଙ୍କାର ସଙ୍ଗୀତ ମହାବିଦ୍ୟାଳୟ ପିଲାମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ନୀଳାଦ୍ରି ଗୋଟିପୁଅ ସାକ୍ଷୀଗୋପାଳ, ବଙ୍ଗାଳି ଲୋକନୃତ୍ୟ ବାଳକ କଳାକେନ୍ଦ୍ର କୋଲକତା, ପଞ୍ଚରସି ସଙ୍ଗୀତ ସମିତି ପଦ୍ମପୁର, ପନ୍ଥୀ ନୃତ୍ୟ ଜୟ ସତନାମ ପନ୍ଥୀଦଳ ଛତିଶଗଡ, ଛତିଶଗଡ଼ ସଂସ୍କୃତି ବିଭାଗ କରମା ନୃତ୍ୟରେ ଝୁମିଲେ ଦର୍ଶକ। ଖଡ଼ିଆଳ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶନୀ ମୁଣ୍ଡ ଧନ୍ୟବାଦ ଦେଇଥିଲେ।


କଳାକାରଙ୍କୁ ପୁରସ୍କୃତ କରାଯାଉଛି।

# ସ୍ଥାୟୀ ଜମିପଟ୍ଟା ପ୍ରଦାନ ଦାବିରେ ଧାରଣା


ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

**ଗୋଲାମୁଣ୍ଡା,୧୬।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ଅଧୀନ ମହାଲିଙ୍ଗ ହରିଜନପଡାବାସୀଙ୍କୁ ସ୍ଥାୟୀ ଜମିପଟ୍ଟା ଦାବିରେ ସୋମବାର ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ପଡାବାସୀଙ୍କ ଧାରଣ ଦେଇଥିଲେ। ୧୯୯୩ରେ କଳାହାଣ୍ଡି ମହାରାଜ ପ୍ରତାପ କେଶରୀ ଦେଓଙ୍କ ଜମିକୁ ମହାଲିଙ୍ଗ ଗ୍ରାମର ହରିଜନପଡାର ଶତାଧିକ ଲୋକଙ୍କୁ ସିଲିଂ ଜମି ପ୍ରଦାନ କରାଯାଇଥିଲା। ସେହି ସମୟରେ ଗରିବ ଲୋକେ ଜମି ପଟ୍ଟା ପାଇବା ସହିତ ଖଜଣା ମଧ ଦେଇ ଆସୁଥିଲେ। ଗତ ୫ବର୍ଷ ଖଜଣା ପୈଠ ପରେ ୧୯୯୭–୯୮ରେ ଏହି ଲୋକମାନଙ୍କ ଜମି ପଟ୍ଟା ଖାରଜ ହୋଇ ପୁଣି ଥରେ କଳାହାଣ୍ଡି ମହାରାଜ ପ୍ରତାପ କେଶରୀ ଦେଓଙ୍କ ପାଖକୁ ଫେରି ଯାଇଥିଲା। ବର୍ତ୍ତମାନ ଜମି ଦଖଲ କରିବା ସହ ଲୋକେ ଖଜଣା ବାନ୍ଧୁଥିବା ବେଳେ ତାହା ପ୍ରତାପ କେଶରୀ ଦେଓଙ୍କ ନାମରେ ରସିଦ କଟାଯାଉଛି। ଏ ନେଇ ପଡାବାସୀ ସ୍ଥାୟୀ ପଟ୍ଟା ପ୍ରଦାନ ସହ ନିଜ ନାମରେ ଖଜଣା ବାନ୍ଧିବା ନେଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନକାରୀଙ୍କୁ କଳାହାଣ୍ଡି ଜିଲା ଯୁବ କଂଗ୍ରେସ ସମର୍ଥନ ଦେବା ସହ ଧାରଣାରେ ସାମିଲ ହୋଇଥିଲେ। ବହୁ ବିଳମ୍ବରେ ଘଟଣାସ୍ଥଳରେ ତହସିଲଦାର ଅଶୋକ ପଟ୍ଟନାୟକ ପହଞ୍ଚିଥିଲେ। ଲୋକଙ୍କୁ ବୁଝାଶୁଝା କରିବା ସହିତ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣ ପ୍ରତ୍ୟାହୃତ ହୋଇଥିଲା।

# ଖଡ଼ିଆଳ ମହୋତ୍ସବ ଉପଲକ୍ଷେ କବିତା ପାଠୋତ୍ସବ

**ଖଡ଼ିଆଳ,୧୬।୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ମହୋତ୍ସବ ଉପଲକ୍ଷେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ ସତୀଶ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ନାଟ୍ୟକାର ତଥା ମହୋତ୍ସବ ପାଳନ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ କବି ବଳଭଦ୍ର ମହାନ୍ତି, ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡାକ୍ତର ସୁଶାନ୍ତ କୁମାର ବିଶି, କବିତା ପାଠୋତ୍ସବ ଆବାହକ ତଥା କବି ଗୌରାଙ୍ଗ କୁମାର ସାହୁ ମଞ୍ଚାସୀନ ଥିଲେ। କବୟିତ୍ରୀ ରୁବି ଚୌଧୁରୀ ଓ ମନୋରମା ରଥ କବିତାଗୁଡ଼ିକୁ ସଂଯୋଜନା କରିଥିଲେ। କବି କୈଳାସ ବାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚତୁର୍ଭୁଜ ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ। କବିତା ପାଠୋତ୍ସବରେ କବି ଅର୍ଜୁନ ଛତିଆ, ସଂଯୁକ୍ତା ପାଢ଼ୀ, ଶିରୀଶଙ୍କର ବାରିକ, ଲବଣେଶ୍ୱର ବାରିକ, ପବିତ୍ର ମୋହନ ପ୍ରଧାନ, ଅଶୋକ କୁମାର ବେହେରା, ଜୟଶ୍ରୀ ଦଣ୍ଡସେନା, ଅମୂଲ୍ୟ କୁମାର ମୁଣ୍ଡ, ଆଦିତ୍ୟ ନାରାୟଣ ପଣ୍ଡା, ଯୋଗେଶ୍ୱର ରାଉତରାୟ, ବିପିନ ବିହାରୀ ସାହୁ, ନୃପରାଜ ତାଣ୍ଡି, କୁନାଲ ଚରଣ ବେହେରା, ସତ୍ୟ ନାରାୟଣ ମିଶ୍ର, ତିଳ ରାଉତ, ପ୍ରିୟଙ୍କା ପ୍ରିୟଦର୍ଶନୀ ମୁଣ୍ଡ, ପୂର୍ଣ୍ଣଚନ୍ଦ୍ର ସୁନାନୀ, ବିଭୂତି ଭୂଷଣ ବିଶି ପ୍ରମୁଖ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ।

# ଯୁକ୍ତ ୨ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ଶିବିର

**କେସିଙ୍ଗା,୧୬।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟ ଖେଳ ପଡିଆଠାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଭୁବନେଶ୍ୱର ପକ୍ଷରୁ ୯ଦିନିଆ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ସୋମବାରଠାରୁ ଆରମ୍ଭ କରାଯାଇଛି। କେସିଙ୍ଗା ମହାବିଦ୍ୟାଳୟ ଅଧକ୍ଷ ସୁଶାନ୍ତ ପାଢ଼ୀ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି ତାଲିମ ଶିବିର ୧୬ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୪ ତାରିଖରେ ଶେଷ ହେବ। ଯୁକ୍ତ ୨ର ସମସ୍ତ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବା ପାଇଁ ୪ଜଣ ଟ୍ରେନରଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଆତ୍ମ ସୁରକ୍ଷା ତାଲିମ ଶିବିରରେ ଛାତ୍ରୀମାନଙ୍କୁ ଶାରିରୀକ ସନ୍ତୁଳନ ପାଇଁ ବିଭିନ୍ନ ଶାରୀରିକ କୌଶଳ ଯଥା ଶାରୀରିକ ବିକାଶ, ବୌଦ୍ଧିକ ବିକାଶ, ମାନସିକ ବିକାଶ ଆଦି ବିଷୟରେ ତାଲିମ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ଅଶନି କୁମାର ପାଇକ ରାୟ ଶିବିର ପରିଚାଳନା କରିଥିଲେ। ମହାବିଦ୍ୟାଳୟ ବରିଷ୍ଠ ଶିକ୍ଷକ ସୁରଥ ପ୍ରଧାନ, ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

# 'କଳାହାଣ୍ଡି ସେ ଦିନର ଓ ଆଜିର' ଶୀର୍ଷକ ସଂପାନ


ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଉଦ୍‌ବୋଧନ ଦେଉଛନ୍ତି।

**ଭବାନୀପାଟଣା,୧୬।୧(ସ୍ୱ.ପ୍ର.)**

**କଳାହାଣ୍ଡି ସମଗ୍ର ବିଶ୍ୱକୁ ଦିଗଦର୍ଶନ ଦେବା ସମୟ ଆସିଛି**

ମନସ୍ତାତ୍ତ୍ୱିକ ବିଚାରଧାରାର ପରିବର୍ତ୍ତନ କଳାହାଣ୍ଡି ଜିଲାକୁ ସମଗ୍ର ଦେଶରେ ଆଗୁଆ କରି ଗଢ଼ି ତୋଳିବ। ଆଜି ଏ ଜିଲା ସାରା ଦେଶରେ ଭାତହାଣ୍ଡିର ପରିଚୟ ପାଇଛି ସତ ତେବେ ଜିଲାବାସୀଙ୍କ ପାଇଁ ଆଜିର ଆହ୍ୱାନ ସୁସ୍ଥ କଳାହାଣ୍ଡି ହେବା ଉଚିତ୍। କାରଣ ସାରା ବିଶ୍ୱକୁ କଳାହାଣ୍ଡି ଦିଗଦର୍ଶନ ଦେବା ସମୟ ଆସିଛି। ପର୍ଯ୍ୟାପ୍ତ ଜ୍ଞାନ ଆହରଣ ଏ ଜିଲାର ବିକାଶକୁ ଆହୁରି ଆଗେଇ ନେବ ବୋଲି ସୋମବାର ଭବାନୀପାଟଣା ଟାଉନ ହଲଠାରେ ଆୟୋଜିତ ସଂପାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର, ଯୋଜନା ଓ ସମନ୍ୱୟ ବିଭାଗ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଦକ୍ଷତା ବିକାଶ ହିଁ ଏ ଜିଲାକୁ ଉନ୍ନତିର ଶିଖରରେ ପହଞ୍ଚାଇ ପାରିବ, ତେଣୁ ଆମ ସମସ୍ତଙ୍କୁ ଏହି ଜୟଯାତ୍ରାରେ ସାମିଲ ହେବା ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଉପସ୍ଥିତିରେ ସଂପାନ କମିଟି ଅଧକ୍ଷ ତଥା କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ଅଧକ୍ଷତା କରିଥିବାବେଳେ ସହ ଅଧକ୍ଷ ସୀମାଞ୍ଚଳ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡ. ତ୍ରିଭୁବନ ପଣ୍ଡା, ଉମାଶଙ୍କର କର ପ୍ରମୁଖ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସଂପାନ କମିଟି ସଦସ୍ୟ ଶେଷଦେବ ମିଶ୍ର ଅତିଥି ଆବାହନ, ଡ. ସଞ୍ଜିତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଶ୍ୱରଞ୍ଜନ ବେହେରା, ପ୍ରତାପ କୁମାର ପଣ୍ଡା, ଦୁର୍ଗାପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ତଥା ଜିଲା ବାହାରୁ ବହୁ ସଂଖ୍ୟକ କବି, ଲେଖକ, ଅଧ୍ୟାପକ, ବୁଦ୍ଧିଜୀବୀଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସୁଢଳଦେବ ମୁଣ୍ଡ ଧନ୍ୟବାଦ ଦେଇଥିଲେ।

# ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ନର୍ଲା,୧୬।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ସୋମବାର ପାଳିତ ହୋଇଯାଇଛି। ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ତତ୍ତ୍ୱାବଧାନରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ସଚେତନତା ପାଇଁ ଏକ ରାଲି ବାହାରିଥିଲା। ନର୍ଲା ସହରସ୍ଥିତ ଚାରିଛକଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ଉପରେ ସଚେତନ ବାର୍ତ୍ତା ଜନସାଧରଣଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ୨ ଏବଂ ଯୁକ୍ତ ୩ କଲେଜର ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା, ବୁଦ୍ଧିଜୀବୀଙ୍କ ସମେତ ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନେ ଉପସ୍ଥିତ ରହି ଲୋକଙ୍କୁ ସଚେତନତା ଉପରେ ବୁଝାଇଥିଲେ।

# ପାନୀୟ ଜଳ ପାଇଁ ରାସ୍ତା ଅବରୋଧ

**ଲାଞ୍ଜିଗଡ଼,୧୬।୧(ଡି.ଏନ.ଏ.)**

■ ସକାଳ ୬ଟାରୁ ପ୍ରତିବାଦ କଲେ ଶତାଧିକ ମହିଳାପୁରୁଷ

■ ସରପଞ୍ଚଙ୍କ ହସ୍ତକ୍ଷେପ ପରେ ସ୍ୱାଭାବିକ ହେଲା

କଳାହାଣ୍ଡି ଜିଲାର ଦୁର୍ଗମ ଲାଞ୍ଜିଗଡ ବ୍ଲକ ବନ୍ଧପାରି ପଞ୍ଚାୟତ ବନ୍ଧପାରିରେ ବିଭିନ୍ନ ପଡ଼ାରେ ଏବେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏ ନେଇ ପ୍ରଶାସନ ତଥା ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ପଦକ୍ଷେପ ନ ନେବାରୁ ବନ୍ଧପାରିର ବିଭିନ୍ନ ପଡାର ଶତାଧିକ ମହିଳାପୁରୁଷ ସୋମବାର ରାସ୍ତା ଅବରୋଧ କରିଛନ୍ତି। ବନ୍ଧପାରି ସରପଞ୍ଚ ଜଗବନ୍ଧୁ ମାଝି ଦିନ ୧ଟାରେ ଘଟଣାସ୍ଥଳକୁ ଆସି ବୁଝାଶୁଝା କରି ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ଆଣିବି ବୋଲି କହିବାରୁ ମହିଳା ଓ ପୁରୁଷମାନେ ରାସ୍ତାରୁ ହଟିଥିଲେ। ସରପଞ୍ଚଙ୍କ ପ୍ରତିଶ୍ରୁତି ଅନୁସାରେ ଜଳ ଯୋଗାଣ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ନେଇ ବନ୍ଧପାରି ଯାଇଥିବା ସୂଚନା ମିଳିଛି। ସକାଳ ୬ଟାରୁ ବିଶ୍ୱନାଥପୁର–ମୂଷାନାଳ ଓ ବନ୍ଧପାରି–ଲାଞ୍ଜିଗଡ଼ ମୁଖ୍ୟ ରାସ୍ତା ଅବରୋଧ ଯୋଗୁ ଦୁଇ ପାର୍ଶ୍ୱରେ ଶହ ଶହ ଗାଡି ମଟର ଅଟକି ରହିଥିବା ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ, ଏହି ବ୍ଲକର ଦୁର୍ଗମ ବନ୍ଧପାରି ପଞ୍ଚାୟତ ବନ୍ଧପାରିରେ ଜଳଯୋଗାଣ ପାଇଁ ବସୁଧା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇ ୪ମାସ ବିତିଯାଇଥିଲେ ମଧ କାର୍ଯ୍ୟକ୍ଷମ ହୋଇନାହିଁ। ଜଳ ଓ ପରିମଳ ବିଭାଗ ଦ୍ୱାରା ନିର୍ମିତ ବସୁଧା ପ୍ରକଳ୍ପ ୨୦୨୦ରେ ଆରମ୍ଭ ହୋଇ ୨୦୨୨ ଅଗଷ୍ଟ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଥିଲା। ସେପ୍ଟେମ୍ବରରେ ଜଳ ଯୋଗାଣ କରିବା ପାଇଁ ସରକାରଙ୍କ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଗୋଟିଏ ଦିନ ଜଳ ଯୋଗାଣ କରିବା ପରେ ନିମ୍ନମାନର କାମ ଯୋଗୁ ପାଇପ ଫାଟିଯିବାରୁ ବର୍ତ୍ତମାନ ଜଳ ଯୋଗାଣ ବନ୍ଦ ରହିଛି। ଏ ନେଇ ଲୋକେ ବାରମ୍ବାର ଜିଲା ଓ ବ୍ଲକରେ ଅଭିଯୋଗ କରିଥିଲେ। କିନ୍ତୁ କେବେ ଜଳ ଯୋଗାଣ କରାଯିବ ସେ ନେଇ ଯନ୍ତ୍ରୀ ଓ ଠିକାଦାରଙ୍କଠାରୁ ନିର୍ଦ୍ଦିଷ୍ଟ ସୂଚନା ମିଳି ନ ଥିଲା। ରାସ୍ତାରୋକୋରେ ବନ୍ଧପାରିର ପ୍ରଫୁଲ୍ଲ ତାଣ୍ଡି, ସୁବାସିନୀ ଦଳପତି, ରୁକୁଣୀ ହରପାଲ, ଲଳିତା ହରପାଲ, ଦଇମା ହରପାଲ, ସେବତି ଦଳପତି, ଚଞ୍ଚଳା ଦଳପତି, ଜାଞ୍ଜସିନୀ ପାତ୍ର, ଦଶମୀ ତାଣ୍ଡି, ସୁଲୋଚନା ପାତ୍ର, ଶତ୍ରୁଘ୍ନ ପାତ୍ର, କିରଣ ପାତ୍ର, ଧବଳା ବିଭାର, ମଦନ ମାଝି, ସନ୍ତୋଷ ଦଳପତିଙ୍କ ସମେତ ମହିଳା ଓ ପୁରୁଷମାନେ ସାମିଲ ହୋଇଥିଲେ।


ସ୍ଥାନୀୟ ମହିଳା ଓ ପୁରୁଷମାନେ ରାସ୍ତା ଅବରୋଧ କରିଛନ୍ତି।

# ମଣ୍ଟୁ ଛୁରିଆ ଓ ସାଥୀଙ୍କ ଗୀତରେ ମତୁଆଲା ଦର୍ଶକ


ତୃତୀୟ ଦିବସରେ ଯୋଗଦେଇଥିବା ଅତିଥିବୃନ୍ଦ।

■ ଭୋକର ଭୂଗୋଲ ଏବେ ବିକାଶର ମଡେଲ

■ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'ର ତୃତୀୟ ସନ୍ଧ୍ୟା


ମଣ୍ଟୁ ଛୁରିଆ ଗୀତ ପରିବେଷଣ କରୁଛନ୍ତି।

**ଭବାନୀପାଟଣା,୧୬।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୫ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ସୋମବାର ତୃତୀୟ ଦିନରେ ପହଞ୍ଚିଛି। ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଯୋଜନା ଓ ସମ୍ମନ୍ୱୟ ବିଭାଗ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ସଚିବ ଡ.ଅରବିନ୍ଦ ପାଢ଼ି, କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥି, ଜିଲା ତଥା ଦୌରା ଜଜ୍ ଦିପ୍ତିରଞ୍ଜନ କାନୁନ୍‌ଗୋ, ଆରସିସିଏଫ୍ ଅଶ୍ୱିନୀ କୁମାର କର, ନୂଆପଡା ଜିଲାପାଳ ହେମାକାନ୍ତ ସାଏ, ନବରଙ୍ଗପୁର ଜିଲାପାଳ ଡ.କମଳ ଲୋଚନ ମିଶ୍ର, ସିଆରପିଏଫ୍ କମାଣ୍ଡେଟ ପଙ୍କଜ ଚୌଧୁରୀ, କଳାହାଣ୍ଡି ଏସ୍‌ପି ଅଭିଲାଷ ଜି, ଧର୍ମଗଡ ଉପଜିଲାପାଳ ବେଦଭୂଷଣ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶ, ଦକ୍ଷିଣ ବନଖଣ୍ଡ ଡିଏଫ୍‌ଓ ଲାଡେ ଗଜାନନ ଦୟାନନ୍ଦ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡି ମାଟି ଏକ ପବିତ୍ର ମାଟି, ଜିଲା ଗୁଡହାଣ୍ଡିଠାରୁ ଅସୁରଗଡ କହେ ଇତିହାସର ଗାଥା ଓ ଉର୍ଲାଦାନୀ କହେ ଶହୀଦ ରେଣ୍ଡୋ ମାଝିଙ୍କ ବୀରତ୍ୱ ଗାଥା। ଭୋକର ଭୁଗୋଲ ବିକାଶର ମଡେଲ ଆକାରରେ ପରିଣତ ହୋଇଛି। କଳାହାଣ୍ଡି କେବେ ଗରିବ ନ ଥିଲା। ସମୟକ୍ରମେ ଅବସ୍ଥାଚକ୍ରରେ ଆମେ କିଛି ଦିନ ଦବି ଯାଇଥିଲୁ। ୧୮୬୬ରେ ବଙ୍ଗଳାରେ ନଅଙ୍କ ଦୁର୍ଭିକ୍ଷ ବେଳେ ଏ ଜିଲାରୁ ଚାଉଳ ରପ୍ତାନୀ ହୋଇଥିଲା। ଏଭଳି ଜିଲା ଉତ୍ସବ କରିବାରେ ରାଜ୍ୟରେ କଳାହାଣ୍ଡି ଦ୍ୱିତୀୟ। କଳାହାଣ୍ଡିର ନିଜର ସ୍ୱାଭିମାନ ଅଛି ବୋଲି ଅତିରିକ୍ତ ମୁଖ୍ୟଶାସନ ସଚିବ ଜେନା ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡ. ପାଢୀ ଅଭିଭାଷଣରେ କହିଥିଲେ। ସଭା ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର ପରିଚାଳନା କରିଥିଲେ। ଶହୀଦ ରେଣ୍ଡୋ ମାଝି ମଞ୍ଚରେ ଜିଲା ତଥା ଜିଲା ବାହାରର ଘୁମୁରା, ଲୋକଗୀତ, ଆଦିବାସୀ ନୃତ୍ୟ, ବଜାଶାଲ, ଓଡିଶୀ, ଢୋଲମହୁରୀ, ଢେମସା, ପାଇକ ଆଖାଡା, ଲୋକକଳା ହୋଇଥିଲା। ଆସାମର ବିହୁ, ଝାଡଖଣ୍ଡର ପାଇକିଆ ନୃତ୍ୟ ଆଦି ପ୍ରଦର୍ଶିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଭେନ୍ଦୁ ମହାପାତ୍ର, ନମିତା ମିଶ୍ର, ସତ୍ୟ ନାରାୟଣ ମୁଣ୍ଡଛିନା, ନିହାରିକା ନାୟକ ପ୍ରମୁଖ ପରିଚାଳନା କରିଥିଲେ। ପଶ୍ଚିମ ଓଡିଶାର ଜଣାଶୁଣା ଗାୟକ ମଣ୍ଟୁ ଛୁରିଆ ଓ ତାଙ୍କ ସାଥିଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମତୁଆଲା କରିଦେଇଥିଲା। ସେହିପରି ଉତ୍ସବର ଦ୍ୱିତୀୟ ପାରବା ମଞ୍ଚରେ ମଧ ଜିଲା ତଥା ରାଜ୍ୟ ବାହାର କଳାକାରମାନେ ନିଜ କଳା ପ୍ରଦର୍ଶନ କରିଥିଲେ। ପାରବା ମଞ୍ଚର କାର୍ଯ୍ୟକ୍ରମ ହେମନ୍ତ ସାହୁ, ସ୍ନିଗ୍ଧାରାଣୀ ସିଂହ, ଲିପ୍ସା ମହାରଣା ଓ ସୌରଭ ମହାପାତ୍ର ପ୍ରମୁଖ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଗାଡି ଧକ୍କାରେ ବାଇକ ଆରୋହୀ ମୃତ

**ଅମରପାଲି, ୧୬।୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର-ଅମରପାଲି ରାସ୍ତାର ମେଣ୍ଡିଲିପାଲି ଛକ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ମୁର୍ଷୁଣ୍ଡି ପଞ୍ଚାୟତ ଅନ୍ତର୍ଗତ କର୍ଡାପାଲ ଗ୍ରାମର ନିମାଇ ସାମଲ(୨୭)ବୋଲି ଜଣାପଡିଛି। ସେ ରବିବାର ବିଳମ୍ବିତ ରାତ୍ରିରେ ନିଜ ମାମୁଘର ଗ୍ରାମ ବିଶାଲପାଲିରୁ ନିଜ ଗ୍ରାମକୁ ଓଡି ୩୧ ଏଫ ୮୩୦ ନମ୍ବର ବିଶିଷ୍ଟ ବାଇକରେ ଫେରୁଥିଲେ। ମେଣ୍ଡିଲିପାଲି ଛକ ନିକଟସ୍ଥ ପୋଖରି ପାଖ ବୁଲାଣି ରାସ୍ତାରେ କୌଣସି ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ସୋମବାର ସକାଳୁ ନିମାଇଙ୍କୁ ଉଦ୍ଧାର କରି ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁବଲୟା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ସୁବଲୟା ଥାନାରେ ଏକ ଅପମୃତ୍ୟୁ ମାମଲା(୯/୨୩)ରୁଜୁ ହୋଇଛି।

### ଆତ୍ମ ସୁରକ୍ଷା ତାଲିମ ଶିବିର

**ବିନିକା, ୧୬।୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ମହିଳା କଲେଜରେ ସୋମବାର ୮ଦିନିଆ ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। କଲେଜ ଅଧକ୍ଷ ପଞ୍ଚାନନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଦୀପ୍ତିରେଖା ନନ୍ଦ ମୁଖ୍ୟଅତିଥି, ସରପଞ୍ଚ ପଦ୍ମିନୀ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ତାଲିମରେ ଭାଗ ନେଇଥିବା ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧାପିକା ବୈଜୟନ୍ତୀ ସାହୁ ଅତିଥି ପରିଚୟ, ପ୍ରୋଗ୍ରାମ ଅଧିକାରୀ ଅଧାପକ ସବ୍ୟସାଚୀ ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସାବିତ୍ରୀ ସାହୁ ଓ ନମ୍ରତା ଖେତି ୬୦ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରୁଛନ୍ତି । ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରୀ ଓ ଷ୍ଟାଫ ଉପସ୍ଥିତ ଥିଲେ ।

### ଗମ୍ଭାରିପାଲି ଧନୁଯାତ୍ରା: ପୁତନା ନିଧନ, ଅଷ୍ଟମଲ୍ଲ ପ୍ରେରଣ

**ଡୁଙ୍ଗୁରିପାଲି, ୧୬।୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଗମ୍ଭାରୀପାଲି ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ଦିବସରେ ପୁତନା ନିଧନ ଖବର ପାଇ କଂସ ମର୍ମାହତ ହୋଇଛନ୍ତି। କୃଷ୍ଣଙ୍କୁ ମାରିବା ପାଇଁ ଅଷ୍ଟମଲ୍ଲଙ୍କୁ ପ୍ରେରଣ କରିବା ଦୃଶ୍ୟ ଅଭିନୀତ ହୋଇଥିଲା। କଂସ ଦରବାରରେ ରାଜ ଅତିଥିଭାବେ ଗଣମାଧମର କିଶନ କୁମାର ଅଗ୍ରୱାଲ, ପବିତ୍ର ମୋହନ ପାଣ୍ଡିଆ, ଦୀନବନ୍ଧୁ ସୁନା, ପ୍ରକାଶ ହାତୀ, ବନମାଳୀ ପୋଢ଼, ମହାଦେବ ଗଡତିଆ, ବଦ୍ରିନାରାୟଣ ପାଣ୍ଡିଆ ପ୍ରମୁଖ ଯୋଗ ଦେଇଥିଲେ। ଧନୁଯାତ୍ରା କମିଟି ସଭାପତି ଜଗନ୍ନାଥ ପୂଜାରୀ ମଞ୍ଚ ପରିଚାଳନା କରିଥିଲେ। ବରଗଡର ମାଷ୍ଟର ଦୟା ଓ ସୁରେନ ସଙ୍ଗୀତ କଳା ପରିଷଦର ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଆଲବମ କଳାକାରଙ୍କ ନୃତ୍ୟଗୀତ ମନଛୁଆଁ ହୋଇଥିଲା। ଯାତ୍ରା କମିଟି ସମ୍ପାଦକ ସୁବାଷ ମଲ୍ଲିକ, ଦଶରଥ ବିଶି, ଦୀନବନ୍ଧୁ ବରିହା, ସୁରେନ୍ଦ୍ର ବରିହା, ଶରତ ଚନ୍ଦ୍ର ବରିହା, ପୁରାନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା

# ଲୋକ ଗୀତ, ନୃତ୍ୟରେ ଦୁଲୁକିଲା ମଞ୍ଚ

**ସୋନପୁର, ୧୬।୧ (ନି.ପ୍ର.)**



ସାଂସ୍କୃତିକ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ବୃନ୍ଦ ।



ସୁବର୍ଣ୍ଣପୁର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ମାହାରୀ ନୃତ୍ୟ ପରିବେଷଣ କରୁଛନ୍ତି ।

ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଛି ୨୯ ତମ ସୁବର୍ଣ୍ଣ ଲୋକ ମହୋତ୍ସବ। ରାମେଶ୍ୱର ଷ୍ଟାଡିୟମ ସ୍ଥିତ ଫକୀର ପଟ୍ଟନାୟକ ମୁକ୍ତ ମଞ୍ଚରେ ଚାଲିଥିବା ମହୋତ୍ସବର ସୋମବାର ତୃତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା, ନୁର ବେଗମ, ପଦ୍ମଲୋଚନ ସାହୁ ଓ ହରି ଓଁ କୁଶଳ ଲୋକ ଗୀତ ପରିବେଷଣ କରିଥିଲେ। ପରେ ଡୁଙ୍ଗୁରିପାଲି ବ୍ଲକ କଳାକାରଙ୍କ ଝୁମର ନୃତ୍ୟରୁ ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା। ପରେ ସୁବର୍ଣ୍ଣପୁର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ମାହାରୀ ନୃତ୍ୟ, ପୁରୀର କଳାକାର ଗୋଟିପୁଅ ନୃତ୍ୟ, କନ୍ଧମାଳର କଳାକାର ସିଂହ ନୃତ୍ୟ, ରାୟଗଡାର ଢେମସା ନୃତ୍ୟ, ସମ୍ବଲପୁର ରଙ୍ଗଫାରୁଆ ଅନୁଷ୍ଠାନ, ବରଗଡର କଳାଜୀବୀ, ତରଭା ବ୍ଲକ କଳାକାରଙ୍କ ସମ୍ବଲପୁରୀ ଓ ବିନିକା ବ୍ଲକ କଳାକାରଙ୍କ ଦ୍ୱାରା ଲୀଳା ଦଣ୍ଡ ଲୋକନୃତ୍ୟ ପରିବେଷଣ ହୋଇଥିଲା। କଳାକାରଙ୍କ ବାଦ୍ୟ ଓ ନୃତ୍ୟରେ ମଞ୍ଚ ଦୁଲୁକି ଉଠିଥିଲା।

ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ସୁବର୍ଣ୍ଣପୁର ଜିଲା ପରିଷଦ ସଭାପତି ସୁପାର ଠେଲା। ଜିଲାର କଳା, ସଂସ୍କୃତି ଓ ଐତିହ୍ୟ ସ୍ୱତନ୍ତ୍ର ଏବଂ ଉନ୍ନତ। ଏହି ମହୋତ୍ସବ ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ବିକାଶ ଧାରାର ବାର୍ତ୍ତାବହ ବୋଲି ଠେଲା କହିଥିଲେ। ସୁବର୍ଣ୍ଣପୁର ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ତରଭା ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ ଓ ବିନିକା ଏନ୍ଏସି ଅଧ୍ୟକ୍ଷ ସୁବାଷ ଭୁଏ ସମ୍ମାନିତ ଅତିଥିଭାବେ ଯୋଗଦାନ କରି କଳା, ସଂସ୍କୃତି ମାଧ୍ୟମରେ ସାମାଜିକ, ସାଂସ୍କୃତିକ ଏକତା ପ୍ରତିଷ୍ଠା ହୋଇ ପାରୁଥିବା କହିଥିଲେ। ଜିଲାପାଳ ଅବୋଲି ସୁନିଲ ନରୱଣେ ସଭାରେ ଅଧ୍ୟକ୍ଷତା କରିଥିଲେ। ଲକ୍ଷ୍ମୀନାରାୟଣ ସାହୁ ସଭାକୁ ସଂଯୋଜନା କରିଥିଲେ। ଭୀମ ଭୋଇ କଳା ପରିଷଦର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର, ସସ୍ମିତା ପରମଗୁରୁ, କୁନୁ ଖାନ, ଅଙ୍କିତା ରାୟଗୁରୁ ଓ ଜିତେନ୍ଦ୍ରୀୟ ହୋତା ପ୍ରମୁଖ ପରିଚାଳନା କରିଥିଲେ ।

### ପ୍ରେମ କର, ସୁସ୍ଥ ରୁହ

ଲୋକ ମହୋତ୍ସବ ପରିସରରେ ପ୍ରେମର ପସରା। ପ୍ରେମ କର-ସୁସ୍ଥ ରୁହ ବାର୍ତ୍ତାରେ ଜିଲା ସ୍ୱାସ୍ଥ୍ୟ ସମିତି ଷ୍ଟଲ ଆଗରେ ନାଟ ଅନୁଷ୍ଠାନ ପକ୍ଷରୁ ସୋମବାର ଆୟୋଜିତ ହୋଇଥିଲା ଏହି ନିଆରା ପ୍ରେମ କବିତା ଆସର। କବି ପ୍ରଦ୍ୟୁମ୍ନ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କବି ଆସରରେ କବି ଡ.ପୁରୁଷୋତ୍ତମ ମିଶ୍ର, ଡ.ସୌରଭ ରଞ୍ଜନ ଖମାରୀ, ଡ.ଦେବାଶିଷ ପାଣ୍ଡିଆ, ଶ୍ୟାମାଓଁ ପ୍ରସାଦ ମିଶ୍ର, ବିଘ୍ନରାଜ ପଣ୍ଡା, ଅମ୍ବୁଜ ବିହାରୀ ଶତପଥୀ, ସମୀର ସାହୁ, ବେଣୁଧର ପ୍ରଧାନ ଓ ଗୀତାଞ୍ଜଳି ମେହେର ପ୍ରମୁଖ ପ୍ରେମର କାବ୍ୟ ପାଖୁଡା ପରଶି ଥିଲେ । ଏହି ଅନନ୍ୟ କବିତା ମଂଚରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରମେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ଓ ପ୍ରେମାନୁଭବର ବୈଜ୍ଞାନିକ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରଥମ ଥର ପାଇଁ ଏଭଳି ଆସରକୁ ପ୍ରଦର୍ଶନୀକୁ ଆସିଥିବା ଲୋକେ ବେଶ୍ ଉପଭୋଗ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ସୋନପୁର, ୧୬।୧ (ନି.ପ୍ର.)**

ସଡକ ସୁରକ୍ଷା ସପ୍ତାହ ୨୦୨୩ର ୬ଷ୍ଠ ଦିବସରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିନିକା ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ, ବିନିକା ବଜାର ଓ ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସଡକ ସୁରକ୍ଷା ସମ୍ପର୍କିତ ଏକ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଶତାଧିକ ଛାତ୍ରୀଛାତ୍ର ଓ ଜନସାଧାରଣ ଏହି ଚଳଚ୍ଚିତ୍ରକୁ ଦେଖିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା କାର୍ଯ୍ୟକ୍ରମରେ ଯୋଗଦେଇ



ସଡକ ସୁରକ୍ଷା ପ୍ରାମାଣିକ ଚଳଚ୍ଚିତ୍ର ଦେଖିବା ଅବସରରେ ବିନିକା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଛାତ୍ରମାନେ।

ହେଲମେଟ୍ ପରିଧାନ କରି ବାଇକ୍ ଚଳାଇବା ଓ ମଦ୍ୟପାନ କରି ଗାଡି ନ ଚଳାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିନିକା ଟାକ୍ସି ଷ୍ଟାଣ୍ଡରେ ଏକ ମାଗଣା ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୩୦ ଚାଳକ ସେମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ସେହିପରି ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଚକ୍ଷୁ ପରୀକ୍ଷା ଶିବିରରେ ୨୦ ଚାଳକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ବିନିକା ଓ ଉଲୁଣ୍ଡା ବ୍ଲକର ମୁଖ୍ୟରାସ୍ତାରେ ହେଲମେଟ୍ ପରିଧାନ ନ କରି ଗାଡି ଚଳାଉଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। କାର୍ଯ୍ୟକ୍ରମରେ କନିଷ୍ଠ ମୋଟର ଯାନ ନିରୀକ୍ଷକ ଲୋକନାଥ ନାୟକ, ଟ୍ରାଫିକ୍ ସବ୍ ଇନ୍ସପେକ୍ଟର ପୂଜା ଭେଙ୍ଗ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଚ କ୍ଷମତାସମ୍ପନ୍ନ ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପିତ

**ଅମରପାଲି, ୧୬।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ରାଣୀପୁରଠାରେ ୧୩୧/୩୩ କେ.ଭି. ଗ୍ରୀଡ ସବ୍‌ଷ୍ଟେଶନ ସୋମବାର ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଏହାକୁ ଲୋକାର୍ପିତ କରିଛନ୍ତି। ପ୍ରାୟ ୪୦.୪୮ କୋଟି ଟଙ୍କା ଅର୍ଥ ଅନୁଦାନ ବ୍ୟୟରେ ସ୍ଥାପିତ ଏହି ସବ୍‌ଷ୍ଟେଶନ ଦ୍ୱାରା ବୀରମହାରାଜପୁର, ଉଲୁଣ୍ଡା ଓ ସୁବଳୟା ଅଞ୍ଚଳର ୩୯ ହଜାରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ନିରନ୍ତର ତଥା ଗୁଣାତ୍ମକ ସେବା ପାଇପାରିବେ। ରାଣିପୁରଠାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲାପାଳ ଅବୋଲି ସୁନୀଲ ନରୱଣେ, ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ଓପିଟିସିଏଲ ଇ.ଡି ସୁଦିପ୍ତ ସେନଗୁପ୍ତା ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅନ୍ୟାନଙ୍କ ମଧ୍ୟରେ ବିଭାଗୀୟ ଜି.ଏମ ସନ୍ତୋଷ କୁମାର ବନଛୋର, ଡିଜିଏମ ନିରଞ୍ଜନ ପଣ୍ଡା, ଡିଜିଏମ ପ୍ରଦୀପ କୁମାର ସାହୁ, ଡିଜିଏମ ଧ୍ରୁବଚରଣ ସାହୁ, ଜିଏମ ମନ ମୋହନ ପଧାନ, ଡିଜିଏମ ରାଜାମଣି ବାରିକ, ଏସ୍‌ଡିଓ ସୁଜିତ କୁମାର ଡେଙ୍ଗେରା, ସୌଭାଗ୍ୟ ରଞ୍ଜନ ସାମଲ, ମଙ୍ଗଳ ପ୍ରସାଦ ପୂଝାରୀ, ଉପଜିଲାପାଳ ଅଶୋକ ଭୋଇ,ଉପଖଣ୍ଡ ପୋଲିସ ଅଧିକାରୀ ଡୋଳାମଣି ଭୋଇ,ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା ପ୍ରମୁଖ ଯୋଗଦେଇଥିଲେ। ଏହି ଗ୍ରିଡ଼ ନିର୍ମାଣ କାର୍ଯ୍ୟ ୨୦୧୬ରୁ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ଯୁଗଳ କିଶୋର ମିଶ୍ର ସଂଯୋଜନା କରିଥିଲେ ।




ଗ୍ରୀଡ ସବ୍‌ଷ୍ଟେଶନ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

# ଅମରପାଲି ପ୍ରିମିୟର ଲିଗ୍ : ଚକାମୁଣ୍ଡା ସେମିରେ



ବିଜୟୀ ଚକାମୁଣ୍ଡା ଦଳ।

**ଅମରପାଲି, ୧୬।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଜେମସଷ୍ଟାର କ୍ଲବ ଆନୁକୂଲ୍ୟରେ ଚାଲିଥିବା ଅମରପାଲି ପ୍ରିମିୟର ଲିଗ କ୍ରିକେଟର ସୋମବାର ମ୍ୟାଚରେ ଅମରପାଲିକୁ ହରାଇ ଚକାମୁଣ୍ଡା ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ପ୍ରଥମ ମ୍ୟାଚ ଅମରପାଲି ଓ ଗୋପପାଲି ମଧ୍ୟରେ ହୋଇଥିଲା। ଗୋପପାଲି ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୭୭ ରନ କରିଥିଲା। ଯବାବରେ ଅମରପାଲି ଦଳ ୯ ଓଭରରେ ୩ ଉଇକେଟ ହରାଇ ୭୮ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଚକାମୁଣ୍ଡା ଓ ପିପିଲିକାନି ମଧ୍ୟରେ ହୋଇଥିଲା। ପିପିଲିକାନି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୨୬ ରନ କରିଥିଲା। ଯବାବରେ ଚକାମୁଣ୍ଡା ଦଳ ୯.୪ ଓଭରରେ ୬ ଉଇକେଟ ହରାଇ ୧୨୭ ରନ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ ବିଜେତା ଅମରପାଲି ଓ ଦ୍ୱିତୀୟ ମ୍ୟାଚ ବିଜେତା ଚକାମୁଣ୍ଡା ମଧ୍ୟରେ ହୋଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚରେ ଚକାମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୮୭ ରନ କରିଥିଲା। ଯବାବରେ ଅମରପାଲି ଦଳ ନିର୍ଦ୍ଧାରିତ ଓଭରରେ ୫୧ରନ କରି ପରାସ୍ତ ହୋଇଥିଲା। ଫଳରେ ଚକାମୁଣ୍ଡା ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଗୁଡିକରେ ସବ୍ୟସାଚୀ ବଘାର, ଭାଗବତ ପଧାନ, ସୁମନ ସାହୁ ଓ ବିଷ୍ଣୁ ଚରଣ ପ୍ରଧାନ ଅମ୍ପେୟାର, ସମ୍ବିତ ମାଝି ସ୍କୋରର ଏବଂ ତଥାଗତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଗୋହିପିଟାରେ ବିଜେଡିର ପ୍ରତିଷ୍ଠା ଦିବସ

**କନ୍ଧମାଳ, ୧୬।୧ (ଡି.ଏନ.ଏ)**

କନ୍ଧମାଳ ନିର୍ବାଚନ ମଣ୍ଡଳୀର ଯୋଗିନ୍ଦ୍ରପୁର ପଞ୍ଚାୟତର ଗୋହିପିଟାଠାରେ ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ ପାଳିନ ହୋଇଛି। ବ୍ଲକ ସଭାପତି ପ୍ରେମରାଜ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ସମ୍ମାନିତ ଅତିଥି ଭାବେ କନ୍ଧମାଳ ବିଧାୟକ ମହୀଧର ରଣା, ଜିଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁମିତ୍ରା ସାହୁ ଯୋଗ ଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ସଫଳ ଯୋଜନା ଉପରେ ଆଲୋକପାତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଆଜି ରାଜ୍ୟର ବିକାଶ ହୋଇଛି କହିଥିଲେ। ଏହା ପରେ ଏମ୍‌ପି ସାମନ୍ତଙ୍କ ଉଦ୍ୟମରେ ଗୋହିପିଟା ଠାରେ ପ୍ରଥମରୁ ଦଶମ ଶ୍ରେଣୀ ପାଇଁ ମାଗଣା ବିଦ୍ୟାଳୟ ସ୍ଥାପନ ଓ ସ୍ୱାସ୍ଥ୍ୟ ସେବା ପାଇଁ ୨୦୦ ଶଯ୍ୟା ବିଶିଷ୍ଟ ଏକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଭୂମିପୂଜନ କରିଥିଲେ। ଏହି ପ୍ରତିଷ୍ଠା ଦିବସରେ ବହୁ ସଂଖ୍ୟାରେ ବିଜେଡି ନେତା ଓ କର୍ମୀ ଯୋଗ ଦେଇଥିଲେ।

## ଜୁଏ ହୁଲା ପତ୍ରିକାର ବାର୍ଷିକ ଉତ୍ସବ

**ବିନିକା ୧୬।୨ (ଡି. ଏନ. ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଚନ୍ଦ୍ରମା ହୋଟେଲରେ ଜୁଏ ହୁଲା ସାପ୍ତାହିକ ପତ୍ରିକାର ବାର୍ଷିକ ଉତ୍ସବ ସମ୍ପାଦକ ଅରକ୍ଷିତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖଅତିଥିଭାବେ ପଦ୍ମଶ୍ରୀ ଡ଼ ଜିତେନ୍ଦ୍ରୀୟ ହରିପାଲ, ମୁଖ୍ୟବକ୍ତା ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ସ୍ୱତନ୍ତ୍ର ଅତିଥିଭାବେ ସଭାପତି ଦଳିତ ସାହିତ୍ୟ ଏକାଡେମୀ ଓଡିଶା ନିହାଲ ସିଂ ମଞ୍ଚାସୀନ ଥିଲେ। ସମ୍ମାନୀତ ଅତିଥିଭାବେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଅତିରିକ୍ତ ଥାନା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ପୂର୍ବତନ ନଗରପାଳ ଉସତ କର, ଶିକ୍ଷାବିତ୍ କାହ୍ନୁ ଚରଣ ଜଗଦଲା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୋଶଲି ଭାଷାରେ ପ୍ରକାଶିତ ଜୁଏ ହୁଲା ପତ୍ରିକାର ଲିଖନଶୈଳୀକୁ ପ୍ରଶଂସା କରିଥିଲେ। କ୍ଷୀର ସାଗର ବିଭାର ସଭା ପରିଚାଳନା କରିଥିଲେ। ସନ୍ତୋଷ କୁମାର ବନଛୁର, ଧନ୍ୟବାଦ ଅର୍ପଣ କରିଥିଲେ। ସାମାଜିକ କର୍ମୀ ନାରାୟଣ ଲୁହା, ରାମ ଗୋପାଳ ବାଘ, ଆଇନଜୀବୀ ଠଣ ସୁନ୍ଦର ଭେସ୍ରା, ରଘୁନାଥ କୁମ୍ଭାର, ଲକ୍ଷଣ ସାଗର, ବିଇଓ ଶାନ୍ତନୁ କୁମ୍ଭକାର ଓ ମହାନଦୀ ଯୁବ ସଂଗଠନ ବିନିକାକୁ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ। ସେହିଭଳି ସତ୍ୟ ମହିମା ଧର୍ମ ଶାସିନୀ ମହାସଂଘ ସୁବର୍ଣ୍ଣପୁର ଜିଲା ଶାଖା ତରଫରୁ ଦଳିତ ସାହିତ୍ୟ ଏକାଡେମୀ ସଦସ୍ୟ ଅରକ୍ଷିତ ମହାନନ୍ଦ, ଜିଲା ସଭାପତି ଫଗୁନୁ କୁମ୍ଭାରଙ୍କୁ ସେବା ଓ ସମର୍ପଣ ସମ୍ମାନ ଦିଆଯାଇଥିଲା ।

# ସ୍କୁଲ ସମୟର ସ୍ମୃତି ମନେ ପକାଇଲେ

**ସୋନପୁର, ୧୬।୧ (ନି.ପ୍ର.)**

ସୋନପୁର ମହାରାଜା ହାଇସ୍କୁଲର ୧୯୬୮ ମାଟ୍ରିକ୍ ବ୍ୟାଚ ପୁରାତନ ଛାତ୍ରମାନଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବ୍ୟୋମକେଶ ଦାଶ ବିଭିନ୍ନ ଅଞ୍ଚଳରୁ ଆସିଥିବା ବନ୍ଧୁମାନଙ୍କୁ ସ୍ୱାଗତ ଜଣାଇଥିଲେ। ବନ୍ଧୁ ମାନଙ୍କୁ ପାଖରେ ପାଇ ସ୍କୁଲ ସମୟର ସ୍ମୃତିକୁ ମନେ ପକାଇଥିଲେ। ଏଭଳି ବନ୍ଧୁମିଳନ ସେମାନଙ୍କ ସଂଯୋଗକୁ ମଜଭୁତ୍ କରିବ ବୋଲି ମତପ୍ରକାଶ ପାଇଥିଲା। ଅବସରପ୍ରାପ୍ତ ଡିଏସପି ଶଙ୍କର ପାତ୍ର ଅବସର ପରେ ଆଧ୍ୟାତ୍ମିକତା କ୍ଷେତ୍ରରେ ମନୋନିବେଶ କରି ଯୋଗ ତଥା ପ୍ରାତଃ ଭ୍ରମଣରେ ସମସ୍ତେ ସମୟ ଦେବାକୁ କହିଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ପଞ୍ଚାନନ ଦଳପତି, ହରିନାରାୟଣ ତ୍ରିପାଠୀ, ଥବୀର କୁମାର ବିଶି, ରଘୁବାର ଦାସ, ଅଧାପକ କୃପାସିନ୍ଧୁ ପାଣିଗ୍ରାହୀ, ବେଦବ୍ୟାସ ତ୍ରିପାଠୀ, ପରମେଶ୍ୱର ଦାନୀ, ରମେଶ ପ୍ରସାଦ ମିଶ୍ର, ଭୁବନ ମାଝି ପ୍ରମୁଖ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସହପାଠୀ ବୃନ୍ଦ ।

## ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କୋଟସମଲାଇ ଚାମ୍ପିୟନ

**ଅମରପାଲି, ୧୬।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦରରେ ଚାଲିଥିବା ୨୭ତମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ବିଶାଳପାଲିକୁ ହରାଇ କୋଟସମଲାଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ କୋଟସମଲାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୭ ଉଇକେଟ ହରାଇ ୮୨ରନ କରିଥିଲା। ଯବାବରେ ବିଶାଲପାଲି ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୬୫ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ କୋଟସମଲାଇ ୩ ଓଭରରେ ୩ ଉଇକେଟ ହରାଇ ୨୭ରନ କରିଥିଲା। ଯବାବରେ ବିଶାଲପାଲି ଦଳ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ହରାଇ ୨୭ରନ କରିଥିଲା। ଫଳରେ ଦ୍ୱିତୀୟ ଫର୍ମାଟ ମ୍ୟାଚ ଟାଇ ହୋଇଥିଲା। କୋଟସମଲାଇ ଦଳ ୧-୦ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା।



ଟ୍ରଫି ଓ ଅତିଥିଙ୍କ ସହିତ ଚାମ୍ପିୟନ କୋଟସମଲାଇ ଦଳ।

ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ନିରୂପମା ସେଠୀ, ସମିତିସଭ୍ୟା ସୁଗନ୍ଧା ଘିବିଲା, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ବାବୁଲାଲ ପ୍ରଧାନ, ଆୟୋଜକ ଉପଦେଷ୍ଟା ସୁରେଶ ମହାକୁର ଓ ଶିକ୍ଷକ ସୁରେନ୍ଦ୍ର ଭୋଇ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।

**ବାସୁଦେବ ମ୍ୟାନ ଅଫ ଦି ଫାଇନାଲ, ସୁବ୍ରତ ମ୍ୟାନ ଅଫ ଦି ସିରିଜ**

କୋଟସମଲାଇର ବାସୁଦେବ ସୁରଜାଲଙ୍କୁ ଶ୍ରେଷ୍ଠ ବୋଲର, ଶ୍ରେଷ୍ଠ ବ୍ୟାଟସମ୍ୟାନ ଓ ମ୍ୟାନ ଅଫ ଦି ଫାଇନାଲ, ବିଶାଳପାଲିର ସୁବ୍ରତ ଧଳଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ କୋଟସମଲାଇ ଦଳକୁ ନଗଦ ୧୦ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ବିଶାଳପାଲି ଦଳକୁ ନଗଦ ୬ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚରେ ଦେବାଶିଷ ପଧାନ ଓ ସନତ ପଧାନ ଅମ୍ପେୟାର, ସୁଶିଲ ବେହେରା ସ୍କୋରିଂ ଏବଂ ପିଙ୍କୁ ଗାଇଗରିଆ, ଲଳିତ ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଡାକ୍ତରଖାନାରେ ଆତଙ୍କ ସୃଷ୍ଟିକାରୀ ଯୁବକ ଗିରଫ

**କୁଚିଣ୍ଡା, ୧୬।୧ (ଡି.ଏନ.ଏ.):** କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ରବିବାର ସନ୍ଧ୍ୟାରେ ଖଣ୍ଡା ଧରି ଆତଙ୍କ ସୃଷ୍ଟି କରିଥିବା କୁଚିଣ୍ଡା ମନ୍ଦିର ଛକର ସୁରୁଚିପୂର୍ଣ୍ଣ ଓରଫ ପ୍ରମୋଦ ଦାଶଙ୍କୁ କୁଚିଣ୍ଡା ପୋଲିସ ଗିରଫ କରି ସୋମବାର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଦାଲତ ତାଙ୍କୁ ଜେଲ ହାଜତକୁ ପଠାଇଦେଇଛନ୍ତି। ରବିବାର ସନ୍ଧ୍ୟାରେ ପ୍ରମୋଦ ଏକ ଖଣ୍ଡା ଧରି କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାର ଷ୍ଟାଫ୍, ଡାକ୍ତର ଓ ରୋଗୀ ସମ୍ପର୍କୀୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଆତଙ୍କ ସୃଷ୍ଟି କରୁଥିଲେ । ଡାକ୍ତରଖାନା କର୍ତ୍ତୃପକ୍ଷ ଏ ନେଇ କୁଚିଣ୍ଡା ଥାନାକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗିରଫ କରିବାସହ ଖଣ୍ଡା ଜବତ କରିଥିଲା। ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା (ନଂ୨୪/୨୩) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ଜମନକିରା ହାଇସ୍କୁଲରେ ଆତ୍ମରକ୍ଷା ତାଲିମ

**ଜମନକିରା, ୧୬।୧ (ଡି.ଏନ.ଏ.):** ଜମନକିରା ବ୍ଲକସ୍ଥିତ ଯୁକ୍ତ ୨ ମହାବିଦ୍ୟାଳୟରେ ସୋମବାର ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ରମେଶ ଚନ୍ଦ୍ର ରାଉତ ଶିବିର ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟ ପିଇଟି ରଞ୍ଜନ ମହକୁଲ ଓ ତୃପ୍ତି ମଲ୍ଲିକ ଉପସ୍ଥିତ ରହି ସହଯୋଗ କରିଥିଲେ। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଶିବିରରେ ୧୪୬ ଛାତ୍ରୀ ଭାଗନେଇ ପ୍ରଶିକ୍ଷଣ ନେଉଛନ୍ତି। ମାଷ୍ଟର ଟ୍ରେନର ପ୍ରୀତି ଭେଙ୍ଗ୍ରା ଓ ଉପଶୀ ନାଏକ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

### ପୋଲ ମଝିରେ ଟ୍ରକ୍ ଦୁର୍ଘଣାଗ୍ରସ୍ତ: ୧୨ ଘଣ୍ଟା ରାସ୍ତା ଜାମ୍

**ଜମନକିରା, ୧୬।୧ (ଡି.ଏନ.ଏ.):** ଜମନକିରା ଥାନା ୫୩ନଂ. ରାଜପଥର ପିଠାମାରେନ ପୋଲ ମଝିରେ ରବିବାର ରାତ୍ର ୧୨ଟା ସମୟରେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଦୀର୍ଘ ୧୨ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ରାସ୍ତା ଜାମ ଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ବସରେ ଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୋମବାର ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି କ୍ରେନ୍ ସାହାଯ୍ୟରେ ଟ୍ରକ୍‌କୁ ବାହାର କରିବା ପରେ ମଧାହ୍ନ ସାଢ଼େ ୧୨ଟା ସମୟରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୋଲ ଉପରେ ବଡ ଗର୍ତ୍ତ ଯୋଗୁ ଟ୍ରକ୍ ଦୁର୍ଘଟଣା ହୋଇଥିଲା।

### ପଞ୍ଚାୟତର ବିକାଶ ପାଇଁ ବୈଠକ

**ବ୍ରଜରାଜନଗର, ୧୬।୧ (ଡି.ଏନ.ଏ.):** ରାଜପୁର ପଞ୍ଚୟତ ସଭାଗୃହରେ ପଞ୍ଚାୟତର ବିକାଶ ନେଇ ଏକ ପ୍ରସ୍ତୁତି ବୈଠକ ସରପଞ୍ଚ ସରସ୍ୱତୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସମିତି ସଭ୍ୟା ସସ୍ମିତା ତନ୍ତୀ, ଭିଏଲ୍‌ଡବ୍ଲ୍ୟୁ ଦୀପିକା ପଟେଲ, ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ, ନାଏବ ସରପଞ୍ଚ କୌଶଲ୍ୟା ଦେହୁରି, ଜିଆର୍‌ଏସ୍ ବିଜୟ ସେଠ, ସମସ୍ତ ୱାର୍ଡମେମ୍ବର, ଆଶା, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ସଭାରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ୧୩୨ ହିତାଧିକାରୀ ପାଇବା ନେଇ ଆଲୋଚନା ହୋଇଥିଲା। ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା।

### ଜାତୀୟ ସେବା ଯୋଜନା ଶିବିର

**କୁଚିଣ୍ଡା, ୧୬।୧ (ଡି.ଏନ.ଏ.):** କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପକ୍ଷରୁ ସୋମବାର କାପୁଟିକିରା ଆଠଗାଁଠାରେ ଶୀତକାଳିନ ଜାତୀୟ ସେବା ଯୋଜନା ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଦୁର୍ଯ୍ୟୋଧନ ମେହେର ଏନ୍‌ଏସ୍ ଏସ୍ ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କୁନ୍ତରା ସରପଞ୍ଚ ସୁନୀତା କିଷାନ, ସୁରେନ୍ଦ୍ର ପଟେଲ, ସୁମନ୍ତ କଣ୍ଟା, ପ୍ରଶାନ୍ତ କୁମାର ପଟେଲ, ହରିଶଙ୍କର କିଷାନ, କୁସୁମୀ ଫାଣ୍ଡି ଅଧିକାରୀ ଗଙ୍ଗାଧର ସାହୁ ପ୍ରମୁଖ ଯୋଗଦେଇ ଏହି ଶିବିର ମାଧମରେ ଛାତ୍ରାଛାତ୍ର ସେବାକାର୍ଯ୍ୟ ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ ବୋଲି ଆଲୋଚନା କରିଥିଲେ। ପ୍ରୋଗ୍ରାମ ଅଫିସର ତରୁଣ କୁମାର ପୃଷ୍ଟେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁଚିଣ୍ଡା କଲେଜର ଏନ୍‌ଏସ୍‌ଏ ଛାତ୍ର ସୋମ୍ୟରଞ୍ଜନ ଓ ରାଜେନ୍ଦ୍ର ଯୋଗଦେଇ ଶିବିର ଉପରେ ଆଲୋକପାତ କରିଥିଲେ।

# ରାସ୍ତାରୋକୋରୁ ଓହରିଲା ଭାଜପା, ଭାଙ୍ଗିଲା ଡିଭାଇଡର

**ସମ୍ବଲପୁର, ୧୬।୧ (ବ୍ୟୁରୋ)**


ଅଇଁଠାପାଲି ଛକରେ ଡିଭାଇଡରକୁ ଭାଙ୍ଗି ଦିଆଯାଉଛି ।

- ପିଠିରେ କେହି ପଡିବେ ନାହିଁ: ରେଙ୍ଗାଲି ବିଧାୟକ
- ଭୁଲ୍ ଯୋଜନା ପାଇଁ ଅଯଥା ଟଙ୍କା ଖର୍ଚ୍ଚ

ସମ୍ବଲପୁର ଅଇଁଠାପାଲି ଛକରେ ପୋଲିସ ଅନୁମୋଦନକ୍ରମେ ଏନ୍‌ଏଚ୍‌ଏଆଇ ପକ୍ଷରୁ ରାସ୍ତା ମଝିରେ କଂକ୍ରିଟ ଡିଭାଇଡର କରି ଛକ ରାସ୍ତା ବନ୍ଦ କରିଦିଆଯାଇଥିଲା। ଯାତ୍ରୀଙ୍କ ସମସ୍ୟାକୁ ନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ବିଜେଡି ପକ୍ଷରୁ ଏହାକୁ ନିନ୍ଦା କରାଯାଇଥିବା ବେଳେ ଜିଲା ଭାଜପା ପକ୍ଷରୁ ରାସ୍ତାରୋକୋ ଚେତାବନୀ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୦ଟାରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁଙ୍କ ନେତୃତ୍ୱରେ ଭାଜପା କର୍ମକର୍ତ୍ତା ପହଞ୍ଚିଥିଲେ। ହେଲେ କେତେଜଣ ପୋଲିସ କର୍ମଚାରୀ ଆସି ସେମାନଙ୍କୁ ଆନ୍ଦୋଳନ ବନ୍ଦ କରିବାକୁ କହିଥିଲେ। ଯଦି ସମସ୍ୟା ହେଉଛି ଏସ୍‌ପି ଅଫିସ ଯାଇ ଆଲୋଚନା କର ବୋଲି କହିଥିଲେ। ନେତାମାନେ ରାସ୍ତାରୋକୋ କାର୍ଯ୍ୟକ୍ରମ ବନ୍ଦକରି ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ସମୟରେ ଏସ୍‌ପି ଗଙ୍ଗାଧର ୨ଦିନ ସମୟ ମାଗିଥିଲେ। ହେଲେ ଭାଜପା ନେତାମାନେ ଦିନଟିଏ ସମୟ ଦେଇ ଚାଲିଆସିଥିଲେ। ପରେ ଏସ୍‌ପି ଅଫିସ ସମ୍ମୁଖରେ ସେମାନେ ନିଜ ଭିତରେ ଆଲୋଚନା କରିଥିଲେ। ଲୋକଙ୍କ ସମସ୍ୟା ପାଇଁ ରାସ୍ତାରୋକୋ କରି ତୁରନ୍ତ ଡିଭାଇଡର ଭାଙ୍ଗିଦେବାର ଥିଲା ବୋଲି ନେତା ବାବୁ କହୁଥିଲେ। ହେଲେ ବିଧାୟକ ନାଏକ କାହିଁକି ଏଭଳି କରିବ, ଏହା କଲେ ଆମ ପିଠିରେ କେହି ପଡିବେ ନାହିଁ ବୋଲି କହିଥିଲେ। ଉପସ୍ଥିତ ଥିବା କେତେଜଣ କର୍ମକର୍ତ୍ତା ଏହି କଥାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ଏହା ପ୍ରଚାର ହେବା ପରେ ସହରରେ ଚର୍ଚ୍ଚା ହୋଇଥିଲା। ଅନ୍ୟପଟେ ସନ୍ଧ୍ୟା ସମୟରେ ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଡିଭାଇଡରକୁ ଭାଙ୍ଗି ଦିଆଯାଇଛି। କାଇଁଶିରରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୩ଦିନ ଧରି ଅଞ୍ଚଳବାସୀ ପ୍ରଶାସନର ତ୍ରୁଟି ଯୋଗୁ ଯେଉଁ ସମସ୍ୟା ଭୋଗିଥିଲେ ତାହାକୁ ନିନ୍ଦା କରାଯାଇଥିଲା। ଅଇଁଠାପାଲି ଛକରେ ସବ୍‌ରୋଡ୍ ନିର୍ମାଣ କରିବାକୁ ଏନ୍‌ଏଚ୍‌ଏଆଇ ପାଖରେ ଦାବି କରାଯିବ ବୋଲି ସ୍ଥିର ହୋଇଥିଲା। ପ୍ରଶାସନର ଭୁଲ ଯୋଗୁ କଂକ୍ରିଟ ଡିଭାଇଡର ନିର୍ମାଣ କରି ସରକାରୀ ଟଙ୍କା ବରବାଦ କରାଯାଇଛି। ସ୍ଥାୟୀ ସମାଧାନ ନ ହେଲେ ଛାତ୍ରୀଛାତ୍ର, ବୃଦ୍ଧ, ମହିଳା ଓ ପୁରୁଷ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମତପ୍ରକାଶ ପାଇଥିଲା।

### ନିଖୋଜ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ, ୧୬।୧**

ଲଖନପୁର ଥାନା ଅନ୍ତର୍ଗତ ଖପରପଡା ଜଙ୍ଗଲରୁ ପୋଲିସ ସୋମବାର ଜଣେ ନିଖୋଜ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରିଛି । ସେ ହେଲେ କୁମ୍ଭାରବନ୍ଧ ଫାଣ୍ଡି ଅଧୀନ କଣ୍ଟାପାଲି ଗ୍ରାମର ଦୀନବନ୍ଧୁ ଅଡା (୬୩)। ପୋଲିସ୍ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପୁତୁରା ଈଶ୍ୱର ଅଡାଙ୍କ ଅଭିଯୋଗକୁ ଭିତିକରି ପୋଲିସ୍ ଲଖନପୁର ନଂ୧/୨୩ରେ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଗତ ୯ତାରିଖରୁ ବୃଦ୍ଧ ଜଣଙ୍କ ନିଖୋଜ ହୋଇଯାଇଥିବାବେଳେ ପରିବାର ଲୋକେ ସନ୍ଧାନ ନ ପାଇ ୧୧ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଲୋକେ ଜଙ୍ଗଲରେ ମୃତଦେହ ଦେଖି ପୋଲିସ୍‌କୁ ଜଣାଇଥିଲେ। ପରେ ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ।

## କୃଷି ଓ କୃଷକର ଉନ୍ନତି ନେଇ ଆଲୋଚନାଚକ୍ର

**ଝାରସୁଗୁଡ଼ା ଅଫିସ, ୧୬।୧**

**ଜିଲାକୁ କୃଷି ଉଡାଣ ସ୍କିମ୍‌ରେ ସାମିଲ କରିବା ଦାବି**

ଜିଲା ମହୋତ୍ସବ ଦୁଲ୍‌ଦୁଲି ମଞ୍ଚରେ କୃଷି ଓ କୃଷକର ଉନ୍ନତି ଏକ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଥିରେ ଅରୁଣାଚଳ ପ୍ରଦେଶ ଇଟାନଗରସ୍ଥିତ ଡିଏନ୍ ସରକାରୀ ମହାବିଦ୍ୟାଳୟର ପ୍ରଫେସର ଡ. ପ୍ରଶାନ୍ତ ନନ୍ଦ ଯୋଗଦେଇ ମହାନଦୀରେ ତିଲାପିଆ ମାଛଚାଷ ନ କରିବା ପାଇଁ ପରାମର୍ଶ ଦେବା ସହ ହୀରାକୁଦ ବିକାଶ ନିଗମ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ନନ୍ଦକିଶୋର ମହାକୁଡ ଜୈବିକ କୃଷିର ବଜାର ବ୍ୟବସ୍ଥା ଥିବାରୁ ଏହାକୁ ଗୁରୁତ୍ୱ ଦେବାକୁ ମତ ଦେଇଥିଲେ। ଏଥିରେ କୃଷି, ମତ୍ସ୍ୟ ଓ ପଶୁପାଳନ ବିଭାଗର ଅଧିକାରୀଙ୍କ ସମେତ ବୈଜ୍ଞାନିକ ଧୀରେନ୍ଦ୍ର କୁମାର ବରିହା, ମନୋରଞ୍ଜନ ନନ୍ଦ, ମନୋଜ କୁମାର ବାରିକ, ବିବେକ ସୋରେନ, ଡ. ପବିତ୍ର କୁମାର ପରିଜା, ମାନସ କୁମାର ଉପାଧ୍ୟାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ଓ ଆଞ୍ଚଳିକ ଜନକଲ୍ୟାଣ ପରିଷଦ ମୁଖ୍ୟ ଗୌତମ ବେହେରା ଓ ସୁଶିଲ ଦାସ ଚାଷୀ ର ଉନ୍ନତି ପାଇଁ ବ୍ୟାପକ ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ଚାଷୀନେତା ଦିଲୀପ ବଢେଇ, ବିନୋଦ ବିଶାଳ, ଗୋପୀନାଥ ମାଝି, ବିରଞ୍ଚି ସାହୁ, ପ୍ରେମସାଗର ଦେହେରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ତପିରାମ ମାଝି ସଭାପତିତ୍ୱ କରିଥିଲେ। ଜିଲ୍ଲାର ବିଭିନ୍ନ ଅଂଚଳରୁ ବହୁ ଚାଷୀ ଏଥିରେ ଯୋଗଦେଇଥିଲେ। ଆଲୋଚନାରେ ସିକିମ ମଡେଲ ଜୈବିକ କୃଷିର ପ୍ରଚଳନ, କଲିକତା ମଡେଲ ମତ୍ସ୍ୟ ସମବାୟ ସମିତି ଗଠନ, ଜଳସେଚନ ବ୍ୟବସ୍ଥା, ଖଣିଜ ପାଣ୍ଠିର କୃଷିକ୍ଷେତ୍ରରେ ବିନିଯୋଗ, ଝାରସୁଗୁଡ଼ା ଜିଲାର ବିମାନବନ୍ଦରକୁ କୃଷି ଉଡାଣ ଯୋଜନାରେ ସାମିଲ କରିବାକୁ ଦାବି ହୋଇଥିଲା। ସେମିନାର କମିଟି ତରଫରୁ ପ୍ରାଧାପକ ତପନ କୁମାର ବାରିକ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିବା ବେଳେ ମେହେବୁବ ମହତାବ କାର୍ଯ୍ୟକ୍ରମ ପରିଚାଳନା ଓ ବିରାଟ ରାଜା ପଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ: ହନିଫ ଓ ମଞ୍ଜିତ ଯୋଡି ଚାମ୍ପିୟନ



ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

**କୁଚିଣ୍ଡା, ୧୬।୧ (ଡି.ଏନ.ଏ.)**

କୁଚିଣ୍ଡା ଅଫିସର୍ସ କ୍ଲବ ପ୍ରାଙ୍ଗଣରେ ରବିବାର ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ଏକଦିବସୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଓ କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମୁଦାୟ ୪୦ ଗୋଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ କୁଚିଣ୍ଡାର ହେପି ଓ ସନାତନଙ୍କୁ ହରାଇ ମାନେଶ୍ୱରର ହନିଫ ଓ ମଞ୍ଜିତ ଯୋଡି ଚାମ୍ପିୟନ ହୋଇ ପୁରସ୍କୃତ ହୋଇଛନ୍ତି । ଆସୋସିଏଶନ ସଭାପତି ରାଜେଶ ଶର୍ମା ଓ ସମ୍ପାଦକ ଶିମନ ଦ୍ୱିବେଦୀଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୭୬ଜଣଙ୍କୁ ବିଭିନ୍ନ ଯୋଜନାରେ ଭତ୍ତା ବଣ୍ଟନ

**ନାକଟିଦେଉଳ, ୧୬।୧ (ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ବିଭିନ୍ନ ଯୋଜନାରେ ୭୬ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଡିଆର୍‌ଡିଏ ପିଡି ଦିଲୀପ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଭତ୍ତା ଓ ସହାୟତା ରାଶି ପ୍ରଦାନ କରିଥିଲେ। ୨୧ଜଣଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ଟଙ୍କା ଲେଖାଏ ସହାୟତା ରାଶି, ୨୭ଜଣଙ୍କୁ ବିଧବା ଭତ୍ତା ଓ ୨୮ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେଢାଖୋଲ ଉପଜିଲାପାଳ ପବିତ୍ର କୁମାର ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କୋହର, ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିବିରରେ ୨୩୮ ଅଭିଯୋଗ ପଞ୍ଜୀକୃତ

**ନାକଟିଦେଉଳ, ୧୬।୧ (ଡ଼ି.ଏନ.ଏ.)**



ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ୧୪ ପଞ୍ଚାୟତରୁ ମୋଟ ୨୩୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ୧୪ଟି ସାମୂହିକ ଓ ୨୨୪ଟି ବ୍ୟକ୍ତିଗତ ରହିଥିଲା। ଢ଼ଇଁଚା ପଞ୍ଚାୟତର ତଣ୍ଡାବିରା କେନ୍ଦୁଛକଠାରୁ ଘୋଷରାମାଳ ପଞ୍ଚାୟତର ରାଇଲ ଗ୍ରାମ ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ରାସ୍ତାକାମ ନିମ୍ନମାନର ହୋଇଥିବା ନେଇ ଢ଼ଇଁଚା ସମିତିସଭ୍ୟ ପ୍ରବୀଣ କୁମାର ପ୍ରଧାନ ଅଭିଯୋଗ କରିଥିଲେ। ସରାପାଲି ପଞ୍ଚାୟତର କତରାପାଲି ଗାଁ ଲୋକେ ପାଇପ ପାଣି ପାଇବାରୁ ବଞ୍ଚିତ ହୋଇଥିବା ନେଇ ମଧ ଅଭିଯୋଗ କରିଥିଲେ। ସେହିପରି ଶିମିଳିପାଳ ଗ୍ରାମର ମକୁନ୍ଦ ସାହୁଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଲିଖିତାକାରେ ଚିଠି କରିଥିଲେ ମଧ ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରୁ ନ ଥିବା ସେ ଅଭିଯୋଗ କରିଥିଲେ। ୨୦୨୨-୨୩ରେ ମହୁକୁଦ ଖେଳପଡ଼ିଆ ପାଇଁ ବିଧାୟକ ଉନ୍ନୟନ ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇଥିବା ସତ୍ତ୍ୱେ କାର୍ଯ୍ୟକାରୀ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଶିବିରରେ ଡିଆର୍‌ଡିଏ ପିଡି ଦିଲୀପ କୁମାର ବଳ ଯୋଗଦେଇ ଅଭିଯୋଗ ଶୁଣାଣି କରି ଏହାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରେଢାଖୋଲ ଉପଜିଲାପାଳ ପବିତ୍ର କୁମାର ବେହେରା, ବିଡ଼ିଓ ବିବେକାନନ୍ଦ ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପୂର୍ଣ୍ଣଚନ୍ଦ୍ର ସାହୁ, ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମେହେର ଉପସ୍ଥିତ ଥିଲେ।

## ଗ୍ରାମ ସଭାରେ ଉଠିଲା ବିରୋଧ ସ୍ୱର

**ସମ୍ବଲପୁର, ୧୬।୧ (ବ୍ୟୁରୋ)**

**କୁକୁଡ଼ାପାଲିରେ ପ୍ରସ୍ତାବିତ ଇଥାନଲ କମ୍ପାନୀ**

ସମ୍ବଲପୁର ଜିଲା ଯୁଯୁମୁରା ତହସିଲ କୁକୁଡାପାଲି ପଞ୍ଚାୟତରେ ଇଥାନଲ କମ୍ପାନୀକୁ ଅନୁମତି ଦେବା ପାଇଁ ସୋମବାର ଗ୍ରାମସଭା ଆୟୋଜିତ ହୋଇଥିଲା। ଏତବରେ ସ୍ଥାନୀୟ ସରପଞ୍ଚ, ନାଏବ ସରପଞ୍ଚଙ୍କ ସମେତ ଲୋକମାନେ ଏକାଠି ହୋଇ ଅନୁମତି ଦେବା ବିରୋଧରେ ପ୍ରସ୍ତାବ ଦେଇଥିଲେ। କମ୍ପାନୀ ପ୍ରତିଷ୍ଠା ହେଲେ ଚାଷ ନଷ୍ଟ ହେବ, ଚାଷୀଙ୍କ ସମସ୍ୟା ହେବ। ଲୋକେ ବିଭିନ୍ନ ରୋଗରେ ପୀଡିତ ହେବେ। ଏପରି କି କ୍ୟାନସର ଭଳି ବଡ ରୋଗ ହେବାର ଭୟ ରହୁଛି। ତେଣୁ ଜନ ସାଧାରଣଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ଲାଣ୍ଟକୁ ଅନୁମତି ଦିଆ ନ ଯାଉ ବୋଲି ଦାବି କରିଥିଲେ। ହୋ ହଲ୍ଲା ହେବା ପରେ ଅନୁମତି ନେଇ ଆଲୋଚନାକୁ ସ୍ଥଗିତ କରାଯାଇଥିଲା। ଏ ସମ୍ପର୍କରେ ସ୍ଥାନୀୟ କୁକୁଡାପାଲି ସରପଞ୍ଚ ଗୀତାଞ୍ଜଳି ଦେହୁରି କହିଛନ୍ତି, କୌଣସି କମ୍ପାନୀ ଖୋଲିବାକୁ ସମଲେଇ ବାୟୋଫୁଏଲ ନାମକ କମ୍ପାନୀ ଏନ୍‌ଓସି ପାଇଁ ଆବେଦନ କରିଛି। ପଞ୍ଚାୟତବାସୀଙ୍କ ମତାମତ ନେବା ପାଇଁ ବୈଠକ ହୋଇଥିଲା। ସପକ୍ଷରେ କେତେଜଣ ରହିଥିବା ବେଳେ କେତେକ ବ୍ୟକ୍ତି ବିରୋଧ କରିଥିଲେ। ଲୋକମାନଙ୍କ ହିତ ଓ ମତକୁ ନେଇ କମ୍ପାନୀ ପାଇଁ ଅନୁମତି ଉପରେ ବିଚାର କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଲୋକଙ୍କଠାରୁ ପ୍ରାୟ ୩୦ ଏକରରୁ ଊର୍ଦ୍ଧ୍ୱ ଜମି କିଣିବା ପରେ ଏବେ ପରିବେଶ ମଞ୍ଜୁରୀ ଓ ସ୍ଥାନୀୟ ପଞ୍ଚାୟତରୁ ଏନ୍‌ଓସି ପାଇଁ ଯୋଜନା କରାଯାଉଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସରକାର ଚିନ୍ତା କରି ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଅନୁମତି ନ ଦେବାକୁ ଦାବି ହେଉଛି।

## କଳା, ସଂସ୍କୃତି ବଞ୍ଚାଇବା ପାଇଁ ପ୍ରୟାସ: ଆଇଜି

**ଜିଲା ମହୋତ୍ସବର ତୃତୀୟ ଦିବସ**

**ଝାରସୁଗୁଡ଼ା ଅଫିସ୍, ୧୬।୧**

ମହୋତ୍ସବ ମନୋରଞ୍ଜନର ମାଧ୍ୟମ ନୁହେଁ, ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ବଞ୍ଚାଇ ରଖିବାର ଏକ ପ୍ରୟାସ। ଝାରସୁଗୁଡା ଜିଲା ମହୋତ୍ସବ ଦୁଲ୍‌ଦୁଲିର ତୃତୀୟ ଦିବସରେ ଉତ୍ତରାଞ୍ଚଳ ଆଇଜି ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସନ୍ଧ୍ୟାରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତରାଞ୍ଚଳ ଆଇଜି କୁମାର ମୁଖ୍ୟଅତିଥି, ଏସ୍‌ପି ରାହୁଲ ଜୈନ, ଡିଏଫ୍‌ଓ ଲଳିତ କୁମାର ପାତ୍ର, କୋଲାବିରା ବ୍ଲକ୍ ଅଧ୍ୟକ୍ଷ ଭୋଜରାଜ ପଟେଲ, ଲଇକେରା ବ୍ଲକ୍ ଅଧ୍ୟକ୍ଷ ସଞ୍ଜିତ ନାୟକ, ଆଇଓସିଏଲ୍ ଟର୍ମିନାଲର ଡେପୁଟି ଜେନେରାଲ୍ ମ୍ୟାନେଜର ଶରତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କମିଟି କର୍ମକର୍ତ୍ତା ସନ୍ଦିପ ଅବସ୍ଥୀ ମଞ୍ଚ ସଞ୍ଚାଳନ କରିଥିବାବେଳେ ରଘୁମଣି ପଟେଲ ଧନ୍ୟବାଦ ଦେଇଥିଲେ। ମଞ୍ଚରେ ଛତିଶଗଡ ଓ ଓଡ଼ିଶା ସୀମାରେ ଓଡିଆ ଭାଷା ପ୍ରଚାର ପ୍ରସାରପାଇଁ ଲଢେଇ ଜାରି ରଖିଥିବା କ୍ଷମା ସାଗର ଭୋଇଙ୍କୁ ମୁଖ୍ୟଅତିଥି କୁମାର ସମ୍ବର୍ଦ୍ଧିତ କରିଥିଲେ। ପରେ ଖୋର୍ଦ୍ଧାର ପାଇକ ଆଖଡା, ଭୁବନେଶ୍ୱର ଦୁର୍ଗାସ୍ତୁତି, କୋଲକାତାର ବକୁଦା ଫୋକ୍‌ବ୍ୟାଣ୍ଡ, ମୟୁରଭଞ୍ଜର ଛଉନୃତ୍ୟ, ଝାରସୁଗୁଡା ଭୁଲିଆଟିକ୍ରାର ଡାଙ୍ଗର ତଲେ ରଜାର୍ ବିହା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



ମହୋତ୍ସବର ତୃତୀୟ ଦିବସରେ ମଞ୍ଚାସୀନ ଅତିଥି।

## ସମ୍ବଲପୁରୀ, ଘୁମର ନୃତ୍ୟରେ ଦର୍ଶକ ବିଭୋର


କଳାକାରଙ୍କ ଦ୍ୱାରା ଘୁମର ନୃତ୍ୟ ପରିବେଷଣ।

**ସମ୍ବଲପୁର, ୧୬।୧ (ବ୍ୟୁରୋ)**

**ଲୋକମହୋତ୍ସବର ଚତୁର୍ଥ ରଜନୀ**

ସମ୍ବଲପୁର ପିଏଚ୍‌ଡି ପଡିଆରେ ସମ୍ବଲପୁର ଲୋକ ମହୋତ୍ସବ ସୋମବାର ଚତୁର୍ଥ ସନ୍ଧ୍ୟାରେ ପହଞ୍ଚିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବଂଶୀଧର ମାଝି, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କକୁମାର ଦାସମହାପାତ୍ର, ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ କୁମାର ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇ ଲୋକସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ଜିଲାପାଳ ଅନନ୍ୟା ଦାସ ଅଧକ୍ଷତା କରିଥିବାବେଳେ ଲୋକମହୋତ୍ସବ ମୁଖ୍ୟ ସଂଯୋଜକ ରଞ୍ଜନ କୁମାର ସାହୁ ସଂଯୋଜନା କରିଥିଲେ । ଲୋକମହୋତ୍ସବ ନୋଡାଲ ଅଫିସର ତଥା କମିଶନର ପ୍ରଦୀପ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ଦିପକ କୁଲୁ ଉପସ୍ଥିତ ଥିଲେ। ସଙ୍ଗୀତ ନିର୍ଦ୍ଦେଶକ ପ୍ରମୋଦ କୁମାର ମିଶ୍ରଙ୍କ ସ୍ୱର ସଂଯୋଜନାରେ ଲୋକଗୀତ କାର୍ଯ୍ୟକ୍ରମ ହୋଇଥିଲା। ଡ.କ୍ରିଷ୍ଣା ପଟେଲ, ଦିଲିପ କୁମାର ବାଗ, ପଦ୍ମିନୀ ଦୋରା ଓ ଜେତନାମୟୀ ବେହେରା ଏବଂ ଶାଶ୍ୱତ ତ୍ରିପାଠୀ ଗୀତ ଗାନ କରିଥିଲେ। ସମ୍ବଲପୁରୀ ଓ ଘୁମର ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇଥିଲେ। ଆଲୋଚନା ଚକ୍ର କମିଟି ଆବାହକ ଅତିଶ ଶତପଥୀ ଓ କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ସଂଯୋଜନାରେ ଲୋକନାଟକର ସଞ୍ଜ୍ଞା ଆର ସ୍ୱରୂପ ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ପ୍ରଫେସର କେଶ ରଞ୍ଜନ ପ୍ରଧାନ, ଅଶୋକ ବହିଦାର, ସତ୍ୟ ରଞ୍ଜନ ବେହେରା ଆଲୋଚକ ଥିଲେ ।

